# Akashvani, Sambalpur

## SAMBALPURI NEWS EVENING BULLETIN

## 11 August 2025- 7.02 pm- 7.12 pm.

*********************************************

୧- ଲୋକ୍‌ସଭା ନ ପାରିତ୍ ହେଲା ନୂଆଁ ଆୟକର୍ ବିଲ -୨୦୨୫ ।

୨- ଭୁବ୍‌ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ଶିବିର୍‌ଥି ଏଛେନ୍‌ତକ୍ ୮୮ ପ୍ରତିଶତ୍ ଅଭିଯୋଗ୍‌ର କରାଯାଇଛେ ସମାଧାନ୍ ।

୩- ଅନ୍‌ଲାଇନ୍‌ଥି ବିକ୍ରି ନାଇଁ ହୁଏ ପୁରୀ ଶ୍ରୀମନ୍ଦିର୍‌ର ଅବଢ଼ା- କହେଲେ ଆଇନ୍‌ମନ୍ତ୍ରୀ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ଆଏବା ବୁଧବାର୍ ଭିତ୍‌ରେ ବନିପାରେ ଲଘୁଚାପ୍ କ୍ଷେତ୍ର ।

- ଆଏବା ୫ ଦିନ୍‌ତକ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ସତର୍କ କଲା ଆଂଚଲିକ୍ ପାଣିପାଗ କେନ୍ଦ୍ର ।

ନୂଆଁ ଆୟକର୍ ବିଲ ପାରିତ୍         ଏକ୍ସ

ଆୟକର ଦାଖଲ୍ ବ୍ୟବସ୍ଥାକେ ଆହୁରି ସରଲ୍ କର୍ବାର୍ ଲାଗି ତିଆର୍ ହେଇଥିବା ନୂଆଁ ଆୟକର୍ ବିଲ୍ ଆଏଜ୍ ଲୋକ୍ସଭା ନ ପାରିତ୍ ହେଇଛେ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ବିଲ୍‌କେ ଆଗତ୍ କର୍ବାର୍ ଉତ୍‌ରୁ ଆଲୋଚନା କରାଯାଇକରି ପାରିତ୍ କରାଯାଇଥିଲା । ଗଲା ଶୁକ୍ରବାର୍ ଦିନ ପୁର୍ନା ଆୟକର୍ ବିଲ୍‌କେ କେନ୍ଦ୍ର ସର୍କାର୍ ପ୍ରତ୍ୟାହାର୍ କରିଥିଲେ । ନୂଆଁ ଆୟକର୍ ବିଲ୍ ଲାଗି ସଂସଦୀୟ ସିଲେକ୍ଟ କମିଟି ୨ ଶହ ୮୫ ଟା ପ୍ରସ୍ତାବ୍ ସୁପାରିଶ୍ କରିଥିଲା । କମିଟିର୍ ସୁପାରିଶ୍ ଉତ୍‌ରୁ ନୂଆଁ ବିଲ୍ ତିଆର୍ କରାଯାଇକରି ଲୋକ୍ସଭା ନ ଉପସ୍ଥାପନ୍ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି ଶିବିର        ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ୨ ନମ୍ବର୍ ୟୁନିଟ୍ ଠାନେ ଥିବା ଜନ ଶୁଣାଣି ଶିବିର ପ୍ରକୋଷ୍ଠ ନ ଆଏଜ୍ ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କରିଛନ୍ । ଇଟା ମୁଖ୍ୟମନ୍ତ୍ରୀଙ୍କର୍ ୧୪ ନମ୍ବର୍ ଜନଶୁଣାଣି ଥିଲା । ଗଲା ୧୩ ଟା ଶୁଣାଣି ଭିତ୍‌ରେ ଆଗତ୍ ହେଇଥିବା ୧୨ ହଜାର୍ ୨ ଶହ ୫୨ ଟା ଅଭିଯୋଗ୍ ଭିତ୍‌ରୁ ୧୦ ହଜାର୍ ୮ ଶହ ୭ ଟା ଅଭିଯୋଗ୍‌ର

ସମାଧାନ୍ କରାଯାଇଛେ । ଯେନ୍‌ଟାକି ମୋଟ୍ ଅଭିଯୋଗ୍‌ର ୮୮ ପ୍ରତିଶତ୍ ଆଏ । ବାକି ଅଭିଯୋଗ୍ ମାନ୍‌କର୍ ସମାଧାନ୍ ଲାଗି ପ୍ରକ୍ରିୟା ଚାଲିଛେ ବଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆଏଜ୍ ଜନଶୁଣାଣି ଶିବିର୍‌କେ ମୁଖ୍ୟମନ୍ତ୍ରୀ ପୁହୁଁଚିବାର୍ ଉତ୍‌ରୁ ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ୪୦ ଝନ୍ ଦିବ୍ୟାଙ୍ଗ ଆଉ ରୋଗୀ ମାନ୍‌କର୍ ପାଶ୍‌କେ ଯାଇକରି ସମସ୍ୟା ବୁଝିଥିଲେ । ସେମାନ୍‌କର୍ ଅଭିଯୋଗ୍ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । ଆଝିରର୍ ଜନଶୁଣାଣି ଶିବିର୍‌ଥି ମୁଖ୍ୟମନ୍ତ୍ରୀ ଆଉ ମନ୍ତ୍ରୀମଣ୍ଡଲ୍‌ର ୮ ଝନ୍ ସଦସ୍ୟ ଉପସ୍ଥିତ୍ ଥିଲେ । ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆଉ ସଚିବସ୍ତରୀୟ ଅଧିକାରୀମାନେ ଭିଲ୍ ଉପସ୍ଥିତ୍ ଥିଲେ ।

ଥଇଥାନ ନୀତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସରକାର ନୂଆ ବ ିସ୍ଥାପନ ଆଉ ଥଇଥାନ୍ ନୀତି ଖୋବ୍ ଜଲ୍‌ଦି ଆନ୍‌ବେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ସେ କହିଛନ୍, ଇ ବାବ୍‌ଦେ ସରକାରୀସ୍ତରଥି ପ୍ରକ୍ରିୟା ମୁଲ୍ ହେଇଯାଇଛେ । ନୁକ୍‌ସାନ୍ ଭୁଗିଥିବା ଚାଷୀମାନେ ଚାହେଁଲେ ଭରନା ବଦ୍‌ଲେ

ପ୍ରକଳ୍ପଥି ଭାଗିଦାର୍ ହେଇପାର୍‌ବେ । ଜମି ହରଉଥିବା ଲୁକ୍‌କୁ ବିକଳ୍ପର ସୁଯୋଗ୍ ଇ ନୂଆ ନୀତି ଥି ଦିଆଯିବା । ଜମି ବଦ୍‌ଲେ ଜମି ଭିଲ୍ ସରକାର ଯୁଗେଇ ଦେବେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ ପୂଜାରୀ)

ସେନ୍ତା ଆଏବା ଅକ୍ଟୋବର ମାସ୍ ତକ୍ ବିଚାରାଧିନ୍ ସବୁ ବନ୍ଦୋବସ୍ତ ସମସ୍ୟାର୍ ସମାଧାନ୍ ଲାଗି ମନ୍ତ୍ରୀ ଶ୍ରୀ ପୂଜାରୀ ରାଜସ୍ୱ ଅଧିକାରୀମାନ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବନ୍ୟା ନୁକ୍‌ସାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବନ୍ୟା ଲାଗି ନୁକ୍‌ସାନ୍ ହେଇଥିବା ୫ଟା ଜିଲ୍ଲା କେନ୍ଦୁଝର, ବାଲେଶ୍ୱର, ମୟୁରଭଞ୍ଜ, ଯାଜପୁର ଆଉ ଭଦ୍ରକ ଜିଲ୍ଲାକେ ସରକାର ସାହାଜ୍ ପଠେଇଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ମନ୍ତ୍ରୀ କହିଛନ୍, ବନ୍ୟା ନୁକ୍‌ସାନ ରିପୋର୍ଟ ଆସ୍‌ବାର୍ ଉତ୍‌ରୁ ମୋଟ୍ ୬ କୋଟି ୬୬ ଲାଖ୍ ୧୭ ହଜାର ୫୫ ଟଙ୍କାର ସାହାଜ୍ ଦିଆଯାଇଛେ । ବନ୍ୟା ପ୍ରଭାବିତ୍ ୫ଟା ଜିଲ୍ଲାର ଜିଲ୍ଲାପାଲମାନେ ନୁକ୍‌ସାନ୍ ଭୁଗିଥିବା ଲୁକ୍‌କର୍ ବେଙ୍କ୍ ଖାତା ଯାଂଚ୍ କରି କରି ସାହାଜ୍ ଦେଇଛନ୍ । ରିଲିଫ୍, ପାଏନ୍ ବିଶୋଧନ୍, ମତ୍ସ୍ୟଜୀବୀ,

ଉଦ୍ଧାର କାମ୍ ବାବଦ୍ ଖର୍ଚ୍ଚା ଭିଲ୍ ଜିଲ୍ଲାପାଲ୍‌ମାନ୍‌ଙ୍କୁ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ମହିଳା କମିଶନ ଅଧ୍ୟକ୍ଷା ଭୁବନେଶ୍ୱର ସମ୍ବାଦଦାତା

ରାଜ୍ୟ ମହିଳା ଆୟୋଗ୍‌ର ଅଧ୍ୟକ୍ଷା ଭାବେ ଶୋଭନା ମହାନ୍ତି ଆଏଜ୍ ଦାୟିତ୍ୱ ନେଇଛନ୍ । ଦାୟିତ୍ୱ ନେବାର୍ ଉତ୍‌ରୁ ଶ୍ରୀମତୀ ମହାନ୍ତି କହିଛନ୍, ସମାଜ୍‌ର ଅବହେଲିତ୍ ଆଉ ଅସହାୟ ମହିଳାମାନ୍‌କର୍ ସୁରକ୍ଷା ଆଉ ନ୍ୟାୟ ଦେବାର୍ ଲାଗି କାମ୍ କର୍‌ବେ । ସବୁ ମହିଳା ତୃଣମୂଳ ସ୍ତର୍‌ନୁ କେନ୍ତାକରି ସୁରକ୍ଷା ପାଇପାର୍‌ବେ ସେଦିଗେ ଚେରେଷ୍ଟା ଚାଲିଛେ । ସବୁ ଅଭିଯୋଗ୍‌ର ତଦନ୍ତ କରାଯାଇକରି ନିଷ୍ପତି ନିଆଯିବା ବଲି ଶ୍ରୀମତୀ ମହାନ୍ତି କହିଛନ୍ ।

ସେନ୍ତା ଶିଶୁ ସୁରକ୍ଷା ଅଧିକାର୍ ଆୟୋଗ୍‌ର ଅଧ୍ୟକ୍ଷା ଭାବେ ଭିଲ୍ ବବିତା ପାତ୍ର ଦାୟିତ୍ୱ ନେଇଛନ୍ । ଛୁଆମାନେ ହେଉଛନ୍ ଦେଶର୍ ଭବିଷ୍ୟତ୍ ଆଉ ସେମାନ୍‌କର୍ ସୁରକ୍ଷା ଜରୁରୀ ଆଏ । ବିଭାଗର୍ ମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କରିକରି ଛୁଆମାନ୍‌କର୍ ବିକାଶ୍ ଦିଗେ ସବୁବେଲେ କାମ୍ କର୍‌ବେ ବଲି ଇ ଅବ୍‌ସରେ ଶ୍ରୀମତୀ ପାତ୍ର କହିଛନ୍ ।

ଆର୍‌ବିଆଇ - ମାର୍ଗଦର୍ଶିକା ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ରିଜର୍ଭ ବେଙ୍କ୍- ଆର୍‌ବିଆଇ ତର୍‌ଫୁ ମରିହଜି ଯାଇଥିବା ଗ୍ରାହକ୍‌ମାନ୍‌କର୍ ବେଙ୍କ୍ ଏକାଉଂଟ୍, ଲକର୍ ଆଉ ଭିନ୍ ଭିନ୍ ଦରବ୍‌କେ ନେଇକରି ଦାବି ଉପସ୍ଥାପନ୍ ବାବଦ୍ ଗୁଟେ ଚିଠା ମାର୍ଗଦର୍ଶିକା ତିଆର୍ କରାଯାଇଛେ । ପ୍ରସ୍ତାବ୍ ବାବ୍‌ଦେ ଆଏବା ୨୭ ତାରିଖ୍ ଭିତ୍‌ରେ ଆର୍‌ବିଆଇ ତର୍‌ଫୁ ଲୁକ୍‌କର୍ ଠାନୁ ମତାମତ୍ ମଗାଯାଇଛେ । ଦାବି ଉପସ୍ଥାପନ୍‌ର ୧୫ ଦିନ୍ ଭିତ୍‌ରେ ସମାଧାନ୍ କରାଯିବା ନାହେଲେ ଡେରିହେଲେ ଭର୍‌ନା ଦିଆଯିବା ବଲି ଚିଠା ମାର୍ଗଦର୍ଶିକାଥି ପ୍ରସ୍ତାବ୍ ରହିଛେ ।

ଅନ୍‌ଲାଇନ୍ ଅବଢ଼ା ବିକ୍ରି ମନା       ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍‌ର ଅବଢ଼ା ଅନ୍‌ଲାଇନ୍‌ଥି ବିକ୍ରି ନାଇଁ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଆଉ ଶ୍ରୀମନ୍ଦିର୍ ପ୍ରଶାସନ୍ ନିଷ୍ପତି ନେଇଛନ୍ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଶ୍ରୀମନ୍ଦିର୍ ମହାପ୍ରସାଦ୍‌ର ପବିତ୍ରତା ଆଉ ଧାର୍ମିକ ମାହାତ୍ମ୍ୟ ରହିଛେ । ସେଥିର୍‌ଲାଗି ଇତାକେ ସାଧାରଣ୍ ଖାଦ୍ୟ ଭାବେ ଗ୍ରହଣ୍ ନାଇଁ କରାଯାଏ । କେତେଟା ଅନ୍‌ଲାଇନ୍ ଖାଦ୍ୟଯୋଗାଣ୍‌କାରୀ ସଂସ୍ଥା ଶୁଖିଲା ମହାପ୍ରସାଦ୍ ସାରା  ପୁର୍‌ଥିର୍ ଶ୍ରଦ୍ଧାଳୁ ମାନ୍‌କର୍ ପାଖିକେ ପୁହୁଁଚାବାର୍ ଲାଗି ପ୍ରସ୍ତାବ୍ ଦେଇଥିଲେ । ମାତରକ ରାଜ୍ୟ

ସର୍କାର୍ ଆଉ ଶ୍ରୀମନ୍ଦିର୍ ପ୍ରଶାସନ୍ ମିଶିକରି ମନା କରିଥିଲେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ ବଲାଙ୍ଗିର୍/ ନୂଆପଡ଼ା ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍‌ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ଦିନ୍‌କିଆ ବଲାଙ୍ଗିର୍ ଗସ୍ତଥି ପୁହୁଁଚିକରି ଜିଲ୍ଲାର୍ ପ୍ରମୁଖ ପର୍ଯ୍ୟଟନ୍‌ସ୍ଥଲ୍ ରାଣୀପୁର୍ ଝରିଆଲ୍‌ର ୬୪ ଯୋଗିନୀ ପୀଠ ପରିଦର୍ଶନ୍ କରିଛନ୍ । ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା ୬୪ ଯୋଗିନୀ ପୀଠର୍ ଉନ୍ନତି ଲାଗି ୮୭ କୋଟି ୯୦ ଲାଖ୍ ଟଙ୍କାର୍ ଅନୁଦାନ୍ ଘୋଷ୍‌ନା କରିଛନ୍ । ଇ ଉଧେଁ ପୀଠର୍ ଉନ୍ନତି କରଣ୍ କାମ୍ ଲାଗି ଗୁଟେ ଡିପିଆର୍ ପ୍ରଦର୍ଶନ୍ କରାଯାଇଥିଲା । ଜିଲ୍ଲା ନ ଥିବା ଧାର୍ମିକ୍ ଐତିହ୍ୟ ଠାନ୍‌ମାନ୍‌କର୍ ବିକାଶ୍ କର୍‌ବାର୍ ଲାଗି ରାଜ୍ୟ ସର୍କାର୍ ପଦକ୍ଷେପ୍ ନେବେ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ଇତାର୍ ଆଘୋନୁ ଶ୍ରୀମତୀ ପରିଡ଼ା ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ ଠାନେ ବରପୁତ୍ରମାନ୍‌କର୍ ପ୍ରତିମୂର୍ତିଥି ଶ୍ରଦ୍ଧାଞ୍ଜଲି ଜନାବାର୍ ସହେତେ ତ୍ରିରଙ୍ଗା ଶୋଭାଯାତ୍ରାଥି ଯୋଗ୍ ଦେଇଥିଲେ ।

## ମିଳିତ୍ ଜନ ଅଭିଯୋଗ୍ ଶୁଣାଣି

ବୌଦ୍ଧ/ସୁବର୍ଣ୍ଣପୁର୍/ଦେବ୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ମିଳିତ୍ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ବ୍ଲକ୍ ସମ୍ମିଲନୀ କକ୍ଷ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୭୭ ଟା ଅଭିଯୋଗ୍ ଆସିଥିଲା । ଗୁଟେ ଅଭିଯୋଗ୍ ପତ୍ରକେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକେ ଚିକିତ୍ସା ସାହାଜ୍ ଲାଗି ପଠାଯାଇଥିଲା । ଇ ଅବ୍‌ସରେ ଜିଲ୍ଲାପାଲ୍ ଙ୍କର୍ ତର୍‌ଫୁ ୫ନେ ମହିଳା ଦିବ୍ୟାଙ୍ଗ ଅଭିଯୋଗ୍‌କାରୀଙ୍କୁ ରିକ୍‌ସା ଯୁଗେଇ ଦିଆଯାଇଥିଲା ।

ବୌଦ୍ଧ ଜିଲ୍ଲା ଚାରିଛକ୍‌ଠାନେ ଥିବା ହର୍‌ଭଙ୍ଗା ବ୍ଲକ୍ କାର୍ଯ୍ୟାଳୟ ଠାନେ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୯୪ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୪୦ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ ପଂଚାୟତ୍ ସମ୍ମିଲନୀ କକ୍ଷ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୨୨ ଟା ଅଭିଯୋଗ୍

ଆସିଥିଲା । ଇ ଅବ୍‌ସରେ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ ନିଶା ନିବାରଣ ଲାଗି ଶପଥ୍ ପାଠ କରେଇଥିଲେ ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ତ୍ରିରଙ୍ଗା ଆଉ ସ୍ୱଚ୍ଛତା କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପଂଚାୟତ୍ ଭବନ୍ ଠାନେ ହର୍ ଘର୍ ତ୍ରିରଙ୍ଗା ଆଉ ସ୍ୱଚ୍ଛତା କାର୍ଯ୍ୟକ୍ରମ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲା ଜଳ ପରିମଳ ମିଶନ୍ ଆଉ ଜିଲ୍ଲା ପରିଷଦ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌କେ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଉଦ୍‌ଘାଟନ୍ କରିଛନ୍ । ଇ ଅଭିଯାନ୍‌ଥି ଆଏବା ୧୫ ତାରିଖ୍ ସ୍ୱାଧୀନତା ଦିବସ୍‌ତକ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ହେବା ।

ବିଜ୍‌ଲି ଖମ୍ବା ପଡ଼ି ସ୍କୁଲ୍ ଛାତ୍ର ମୃତ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବୁଢ଼ାରଜା ସର୍‌କାରୀ ୟୁପି ସ୍କୁଲ୍ ପରିସର୍ ନ ବିଜ୍‌ଲି ଖୁମ୍ବା ପଡ଼ିକରି ୬ କ୍ଲାସ୍ ଥି ପଢୁଥିବା ଝନେ ଛାତ୍ରଙ୍କର୍

ଜୀବନ୍ ଯାଇଛେ । ବିଦ୍ୟାଳୟ ପାଖେ ଥିବା ରେଲ୍‌ଲାଇନ୍ ସମ୍ପ୍ରସାରଣ୍ କାମ୍ ବେଲେ ବିଜ୍‌ଲି ଖୁମ୍ବା ଢଲିପଡ଼ିଥିଲା । ଇ ସମିଆଥି ପାଖେ ଥିବା ଛୁଆର୍ ଦିହେ ପଡ଼ିଯାଇଥିଲା । ଖବର୍ ପାଇକରି ପୁଲିସ୍ ଆଉ ପ୍ରଶାସନ୍‌ର ଅଧିକାରୀମାନେ ପୁହୁଁଚିକରି ଘଟ୍‌ନାର୍ ଛାନ୍‌ଭିନ୍ କରୁଥିବାର୍ ଜନାପଡ଼ିଛେ ।

ଜିଲ୍ଲାପାଲ୍- ଚାଷ୍ ବିକାଶ୍ ଆଲୋଚନାଚକ୍ର     ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସଭାଗୃହ ନ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଙ୍କର୍ ଅଧ୍ୟକ୍ଷତାଥି ଫଲ୍ ଆଉ ପନିପରିବା ଚାଷ୍‌ର ବିକାଶ୍ ବାବଦ୍ ଆଲୋଚନାଚକ୍ର ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସହକାରୀ ଉଦ୍ୟାନ୍ ନିର୍ଦ୍ଦେଶକ୍ ଯୋଗେନ୍ଦ୍ର ନାଥ ମହାପାତ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ଫଲ୍ ଆଉ ପନିପରିବାର୍ ଠିକ୍ ଦର୍ ଧାରିଜ୍, ପ୍ରକ୍ରିୟାକରଣ୍, ଶୀତଲ୍‌ଭଣ୍ଡାର୍ ନ ସଂରକ୍ଷଣ୍ ବ୍ୟବସ୍ଥା ଆଉ ଜଲ୍‌ସେଚନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଡାକମଣ୍ଡଳ ତରଫୁ ଭବାନୀପାଟ୍ନା ଠାନେ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ହେଇଯାଇଛେ । ଡାକମଣ୍ଡଳ ଅଧିକ୍ଷକ ସୁଶାନ୍ତ କୁମାର୍ ପାଣିଗ୍ରାହୀଙ୍କର୍ ନେତୃତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଡାକ ଡିଭିଜନ୍ କାର୍ଯ୍ୟାଳୟ ଆଉ ଭବାନୀପାଟ୍ନା ମୁଖ୍ୟ ଡାକଘର୍‌ର କର୍ମଚାରୀମାନେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ପ୍ରଭାତ ଫେରୀ ଆଉ ତ୍ରିରଙ୍ଗା ଶୋଭାଯାତ୍ରା ସହର୍ ପରିକ୍ରମା କରିଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ଆଉ ତାର୍ ପାଖର୍ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଆଏବା ବୁଧବାର୍‌ତକ୍ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୫ ଦିନ୍‌ତକ୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୨୩ ଟା ଜିଲ୍ଲାକେ ଘଡ଼୍‌ଘଡ଼ି ମାରିକରି ବର୍ଷା ହେବା ବଲି ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ଇ ମୌସୁମୀ ଋତୁଥି ଗଲା ଜୁନ୍ ୧ ତାରିଖ୍‌ନୁ ଆଏଜ୍‌ତକ୍ ରାଏଜେ ହାରାହାରି ୬ ଶହ ୫୩ ଦଶ୍‌ମିକ୍ ୬ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ଯେନ୍‌ଟାକି

ସ୍ୱାଭାବିକ୍ ବର୍ଷାନୁ ୫ ପ୍ରତିଶତ୍ କମ୍ ଆଏ । ଇ ସମିଆ ଭିତ୍‌ରେ ୪ ଟା ଜିଲ୍ଲା ନ ଜହ ବର୍ଷା ହେଇଥିବାର୍ ବେଲେ ୧୬ ଟା ଜିଲ୍ଲା ନ ସ୍ୱାଭାବିକ୍ ଆର୍ ୧୦ ଟା ଜିଲ୍ଲା ନ ନିଅଂଟିଆ ବର୍ଷା ହେଇଛେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।